# ପ୍ରିୟା !

ତୁମେ ଏକ ପ୍ରଗଲ୍‌ଭା ତଟିନୀ
ମୁଁ କୂଳର ବାଲିବଂଧ ମାତ୍ର
ତୁମ ଦେହେ ବହେ ଫଲ୍‌ଗୁଧାରା
ମୋର ଶୁଷ୍କ ବାଲିଚର ଗାତ୍ର ।

ତୁମ ଆଖି ଲଜ୍ୟାରେ ସଲ୍ଲଜ
ମୋ ଆଖିରେ ଝରର ଶ୍ରାବଣୀ
ତୁମ ଓଠେ ମୋନାଲିସା ହସ
ମନ ନଇ ବହେ ମୋ ଉଜାଣି ।

ମନେ ତୁମ ଫୁଟେ ଶତଦଳ
ହୃଦ ତୁମ ପବିତ୍ର ପାବିନୀ
ଇଚ୍ଛା ତୁମ ଶତ ସୁରଧୁନୀ
ଆଉ ଦେହ ଲାବଣ୍ୟ ଲବଣୀ ।

ନାଟକର ଅନନ୍ୟ ନାୟିକା
ଆସ୍ୟେ ଲାସ୍ୟେ ତୁମେ ଅନାମିକା
ଦୃଶ୍ୟେ ଦୃଶ୍ୟେ ତୁମେଇ ପ୍ରେମିକା
ପ୍ରେମମୟୀ ଅଳସୀ ରାଧିକା ।

ତୁମେ ସତେ ପ୍ରଗଲ୍‌ଭା ତଟିନୀ
ମୁଁ କୂଳର ସାଧା ବାଲିବଂଧ
ତୁମ ମନ ହେଲେ ଉଦ୍‌ବେଳିତ
ମୋର ଭାଙ୍ଗିଯିବ ଧୈର୍ଯ୍ୟବଂଧ ।

କବି ମନେ ନ ଦିଅ ଗୋ ଦୁଃଖ
ତା ପାଶୁଁ ଗୋ ନ ହୁଅ ଅନ୍ତର
ତୁ ପାଶରେ ଥିଲେରେ ନାୟିକା
ସେ ସୃଜିବ ବିପଣୀ କାବ୍ୟର ।